# ଚମ୍ପାବାଈ

ଶୁଣିଲି ସେ ଆସି ନାହିଁ

କାରଣ ବି ଜଣା ନାହିଁ

ଆଖି ଇତଃସ୍ତତଃ, ବ୍ୟସ୍ତ-ବିବ୍ରତ

ଦେହରେ ବହେ ଜର

କପଳେ କଷ୍ଟଗାର

ପେଟ ଟା ବି କଳ କଳ

ମନ ଟା ପୁରା ବିଷର୍ଣ୍ଣ

ହୋଇଛି ଯେ ହୋଇଛି

ଜମରୁ କମୁନି

ଶନିବାର ବର୍ଷା ଭଳି

ସାତଦିନ ହେବ କି ତେରଦିନ । (୧ )

ଶୁଣିଲି ସେ ଆସି ନାହିଁ

କେମିତି ବା ଆସନ୍ତା

ନିଦ୍ରାବିହୀନ ରାତି

ପୀଡାପୂର୍ଣ୍ଣ ଦେହ

ଭୋକ ଭରା ପେଟ ବହି

ମଦୁଆର ମାଡ ସହି

ସ୍ୱାମୀ ଦେବତାର ଅର୍ଘ୍ୟ ନେଇ

ମାର ଧର ଚାଲିଛି ଯେ ଚାଲିଛି

ଶେଷ ନାହିଁ

ଅଙ୍ଗ୍ରେଜ-ମୋଗଲଙ୍କ ଅତ୍ୟାଚାର ଭଳି

ଦୁଇଶହ ବର୍ଷ ହେବ କି

ପାଞ୍ଚଶହ ବର୍ଷ । (୨)

ଶୁଣିଲି ସେ ଆସି ନାହିଁ

ବାଲି ଯାତ୍ରା ଯାଇ ବଡଦିନ ହେଲାଣି

ମାର୍ଗଶିର ଯାଇ ମାଘ ପଶିଲାଣି

ପୁଣି ଧଷେଇ ପଶିଲାଣି

ଘରଣୀର ଧମକ

ପିଲାଙ୍କ ସ୍କୁଲ ବେଳ

ବାବୁଙ୍କ ବିରକ୍ତି ଭାବ

ତଥାପି ସେ ଆସେ ନାହିଁ

ଶୁଖିଯାଏ ଦିନକୁ ଦିନ

ଦେହ ହାତ ସବୁ ଶିରାପୂର୍ଣ୍ଣ

ଚମ ବର୍ଣ୍ଣ ପୂରା ମଳିନ

ଶେଷେ ଖସିପଡେ

ଧୀରେ ଧୀରେ, ଆସ୍ତେ ଆସ୍ତେ

ବାସି ଫୁଲ ହୋଇ

ଆଭିଜାତ୍ୟକୁ ଆଖିଠାର ମାରି

ସତ୍ୟ-ଶିବକୁ ଆଦରି ନେଇ

ମୋ ଆଦରର "ଚମ୍ପାବାଈ" । (୩)

ହିମାଂଶୁ ଶେଖର ବିଶ୍ୱାଳ, ୨୫-୧୨-୨୦୧୨, ଭୁବନେଶ୍ୱର, ଓଡିଶା